**ଗାଡି ଧକ୍କାରେ ଜଣେ ମୃତ**

**ହିଞ୍ଜିଳିକାଟୁ, (ଦ୍ୱିତୀକୃଷ୍ଣ ପଣ୍ଡା):** ହିଞ୍ଜିଳିକାଟୁ ପୌରାଞ୍ଚଳ ମାଣିକନଗର ଛକରେ ରବିବାର ସକାଳେ ଏକ ଗାଡ଼ି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ହିଞ୍ଜିଳିକାଟୁ ପୌରାଞ୍ଚଳ ରଜାତୋଟା ସାହିର ଅଭିମନ୍ୟୁ ପୃଷ୍ଟି (୭୦)। ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ଏନେଇ ହିଞ୍ଜିଳି ଥାନାରେ (କେଶ ନଂ- ୧୦୦/୨୫) ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ସଂକ୍ଷେପରେ

### କିଶୋର ନ୍ୟାୟ ପୋଲିସ୍ ୟୁନିଟ୍ ଦାୟିତ୍ୱ, ଭୂମିକା ଉପରେ କର୍ମଶାଳା

ପାରଳାଖେମୁଣ୍ଡି, ୯।୨ (ଗିରିଧାରୀ ପରିଛା)

ପାରଳାଖେମୁଣ୍ଡି ଠାରେ କିଶୋର ନ୍ୟାୟରେ ପୋଲିସ୍‌ର ଭୂମିକା ଉପରେ ପୋଲିସ୍ ୟୁନିଟ୍ ସଦସ୍ୟଙ୍କ ନିମନ୍ତେ ଜିଲାପାଳଙ୍କ ସମ୍ମିଳନ କକ୍ଷରେ ଏକ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଏସ୍‌ଡିପିଓ ମାଧବାନନ୍ଦ ନାୟକଙ୍କ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଯତୀନ୍ଦ୍ର ପଣ୍ଡା ନିଜର ବକ୍ତବ୍ୟରେ କହିଥିଲେ ଯେ, ଜିଲାରେ ଘଟୁଥିବା ଶିଶୁମାନଙ୍କ ପ୍ରତି ନର୍ଯ୍ୟାତନା, ଶୋଷଣ ଏବଂ ଆଇନ ସହ ଦ୍ୱନ୍ଦ ଏବଂ ଆଇନ ସହିତ ସଂଶ୍ଳିଷ୍ଟ ଥିବା ଶିଶୁଙ୍କୁ କିପରି ତୁରନ୍ତ ଉଦ୍ଧାର କରି ସେବା ଯୋଗାଇବା ସହ ଥଇଥାନ ପାଇଁ ଜିଲା ପ୍ରଶାସନର ସମସ୍ତ ବିଭାଗର ସହଯୋଗ ନେଇ ଶିଶୁକୁ ମୁଖ୍ୟ ସ୍ରୋତରେ ସାମିଲ୍ କରିହେବ ସେଥିପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମୋଟ ୧୦ଟିଥାନାର ଇନସପେକ୍ଟର ଓ ସବ୍-ଇନସପେକ୍ଟର ଓ ୬ଟି ଫାଣ୍ଡିର ସମସ୍ତ ଶିଶୁ କଲ୍ୟାଣ ଅଧିକାରୀ ଅଂଶଗ୍ରହଣ କରିଥିଲେ। ପରେ ଭୁବନେଶ୍ୱରରୁ ଆସିଥିବା ସାଧନ ବ୍ୟକ୍ତି ମନୋଜ ତ୍ରିପାଠୀ ଶିଶୁ ଅଧିକାରର ବିଭିନ୍ନ ଧାରା ବିଷୟରେ ବୁଝାଇଥିଲେ। ଅଧ୍ୟକ୍ଷ, ଶିଶୁ ମଙ୍ଗଳ ସମିତି ଅଶ୍ୱିନି ମହାପାତ୍ର ଯୋଗଦେଇ ଶିଶୁମାନଙ୍କର ଅଧିକାରକୁ ସୁନିଶ୍ଚିତରେ ପୋଲିସ୍‌ର ଭୂମିକା ଉପରେ ଆଲୋଚନା କରିଥିଲେ।

### ମୋହନଦାସ କରମଚାନ୍ଦ ଶିକ୍ଷା ନିକେତନର ବାର୍ଷିକୋତ୍ସବ

ଫୁଲବାଣୀ,୯।୨ (ରାକେଶ କୁମାର ରାଉତ)

ଫୁଲବାଣୀ ମୋହନଦାସ କରମଚାନ୍ଦ ଶିକ୍ଷା ନିକେତନ (ଏମକେଏସପି)ର ୧୮ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରୂପେ ବରିଷ୍ଠ ଆଇନଜୀବୀ ବିଜୟ ମହାନ୍ତି ଓ ସମ୍ମାନିତ ଅତିଥି ରୂପେ ଏମ୍‌କେଏସ୍‌ପିର ସାଧାରଣ ସମ୍ପାଦକ ଶରତ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବା ସହ ଉତ୍ତମ ଚରିତ୍ରଗଠନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପରିଚାଳକ ଶରତ ଚନ୍ଦ୍ର ମହାନ୍ତି ବିଦ୍ୟାଳୟର ଆୟବ୍ୟୟ ଓ ସୁବିଧା ଅସୁବିଧା ଉପରେ ଆଲୋଚନା କରିଥିଲେ। ଦ୍ୱିତୀୟ ଭାଗରେ ସୁଦୂର ହରିଦ୍ୱାରରୁ ଆସିଥିବା ସାଧୁ ସ୍ୱାମୀ ଆନନ୍ଦ ସ୍ୱରୁପାନନ୍ଦ ସରସତୀ ଓ ସ୍ୱାମୀ ଦେବଭକ୍ତାନନ୍ଦ ସରସ୍ୱତୀ ଜୀବନରେ କିପରି ପ୍ରକୃତ ଶାନ୍ତି ଅନୁଭୂତ ହୋଇପାରିବ ତାହା ଉପରେ ଦିବ୍ୟ ପ୍ରବଚନ ଦେଇଥିଲେ। ଏହା ରୋଟାରୀ କ୍ଲବ ସଭାପତି ବିପ୍ରଚରଣ ପାତ୍ରଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଶେଷରେ ପୁରସ୍କାର ବଣ୍ଟନ କରାଯାଇଥିଲା। ବନବିହାରୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସତ୍ୟବ୍ରତ ପାତ୍ର, ବିପିନ ପଟ୍ଟନାୟକ,ସଚ୍ଚିଦାନନ୍ଦ ମହାପାତ୍ର, ମଧୁସ୍ମିତା କୁଦେଇ, ପୂର୍ଣ୍ଣିମା ନାୟକ, ରଶ୍ମିତା ଭୋଇ, ପ୍ରମୋଦିନୀ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅନ୍ୱେଷା ଅନ୍ତେବାସୀଙ୍କୁ ମାନସିକ ଚାପ, ଦୁର୍ବ୍ୟବହାର ଅଭିଯୋଗ

## ଦାୟିତ୍ୱରୁ ହଟିଲେ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ, ତଦନ୍ତ ରିପୋର୍ଟ ଆଧାରରେ ହେବ କାର୍ଯ୍ୟାନୁଷ୍ଠାନ

ପାରଳାଖେମୁଣ୍ଡି,୯।୨ (ଗିରିଧାରୀ ପରିଛା)

ଶିକ୍ଷାର ବିକାଶ ଓ ଆଦିବାସୀ ଅନୁନ୍ନତ ଅଞ୍ଚଳରେ ଶିକ୍ଷାର ମାନ ବଢାଇବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଓ ଶିକ୍ଷା ପ୍ରତି ସେମାନଙ୍କ ଆଗ୍ରହ ସୃଷ୍ଟି ଲାଗି ସହରାଞ୍ଚଳରେ ହଷ୍ଟେଲ ନିର୍ମାଣ କରି ପିଲାଙ୍କ ସବୁ ଖର୍ଚ୍ଚ ବହନ କରୁଛନ୍ତି। ହେଲେ ହଷ୍ଟେଲରେ ରହୁଥିବା ଅନ୍ତେବାସୀଙ୍କ ଉପରେ ମାନସିକ ଚାପ ପକାଇବା ସହ ଅଶାଳୀନ ବ୍ୟବହାର କରାଯିବା ନେଇ ଅଭିଯୋଗ ହେଉଛି। ଗଜପତି ଜିଲା ପାରଳାଖେମୁଣ୍ଡି ଉପକଣ୍ଠ ବେତାଗୁଡାସ୍ଥିତ ଅନ୍ୱେଷା ହଷ୍ଟେଲରେ ଏପରି ଦେଖିବାକୁ ମିଳିଛି।

ଗତ କିଛି ଦିନ ତଳେ ଏହି ହଷ୍ଟେଲରେ ଜଣେ ଆଦିବାସୀ ଛାତ୍ରୀଙ୍କୁ ମାଡ ମାରିବା ସହ ଧମକ ଦେଇ ଦୁର୍ବ୍ୟବହାର କରାଯାଇଥିବା ନେଇ ହଷ୍ଟେଲ ସୁପରିଟେଣ୍ଡେଣ୍ଟଙ୍କ ବିରୋଧରେ ଅଭିଯୋଗ ଆସିଛି। ଜଣେ ଯୁବ ଆଇନଜୀବୀ ମଜେଶ ଦଳ ବେହେରା ଏହି ଅଭିଯୋଗ ଆଣିଛନ୍ତି। ଏନେଇ ଏକ ଅଭିଯୋଗ ପତ୍ର ଗତ ୧ ତାରିଖରେ ଗଜପତି ଜିଲାପାଳ ଓ ଏସ୍‌ପିଙ୍କୁ ସେ ପ୍ରଦାନ କରିବା ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଅଭିଯୋଗ ପାଇବା ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଘଟଣାର ସବିଶେଷ ତଥ୍ୟ ଅନୁଧ୍ୟାନ ପାଇଁ ଶିଶୁ ସୁରକ୍ଷା ୟୁନିଟ ଓ ଜିଲା ମଙ୍ଗଳ ବିଭାଗ ପକ୍ଷରୁ ଦୁଇଟି ଟିମ ଗଠନ ହୋଇଥିଲା। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ତଦନ୍ତ ରିପୋର୍ଟ ସ୍ପଷ୍ଟ ହୋଇନାହିଁ। ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଜଣେ ପୋଲିସ ଅଧିକାରୀଙ୍କ ସହାୟତାରେ ପ୍ରାଥମିକ ତଦନ୍ତ କରିଥିଲେ । ଯାହାର ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ କହିଛନ୍ତି।


MA,LL.B(H),LL.M
Advocate Cum-Social Activist
At-Ambajari,Po-Anuguru
Block-Nuagada,Dist-Gajapati
Pin-761016(Odisha)
9438732909
Letter No.
Date 01/02/25

To,
The Collector Gajapati,
Paralakhemundi Odisha

Subject: Complaint regarding harassment of tribal minor girl students in ANWESHA Hostel premises by Hostel Superintendent.

Respected Sir,

I, Majesh Dalabehera being a social worker, I think it would be appropriate to draw your kind attention a serious issue of harassment by the ANWESHA Hostel Superintendent, Rajendra Sahu

The incidents of harassment have been consistent and have created a hostile environment for the girls residing in the Anwesha hostel. The superintendent's behaviour has been intimidating, and several girls have faced humiliating comments and actions.

I request you to take immediate action and investigate this matter. We demand a safe and secure environment within the hostel premises.

1. Immediate suspension of the Hostel Superintendent
2. Fair investigation into the incident
3. Protection and counselling for the victim
4. Action against the Superintendent as per law

Thank you for your prompt attention to this matter.

Sincerely,
Majesh Dalabehera

CC:
1. DWO Gajapati
2. Superintendent of Police Gajapati
3. National Commission for Protection of Child Rights (NCPCR)
4. State Commission for Women/Child Rights

ଛାତ୍ରୀକୁ ମାଡ ଘଟଣାରେ ଅଭିଯୋଗ ହୋଇଥିବା ଚିଠି ।

ସୂଚନାଯୋଗ୍ୟ, ସମ୍ପୃକ୍ତ ହଷ୍ଟେଲରେ ସୁପରିଟେଣ୍ଡେଣ୍ଟ ଦୀର୍ଘ ବର୍ଷ ହେଲା କାର୍ଯ୍ୟ କରି ଆସୁଥିଲେ। ଏତେଦିନ ଧରି ପୁଣି ଜଣେ ପୁରୁଷ କର୍ମଚାରୀ ଛାତ୍ରିନିବାସର ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ଗୋଟିଏ ଜାଗାରେ କିପରି ରହିଲେ ତାହା ପ୍ରଶ୍ନବାଚୀ ସଅଷ୍ଟି କରିଛି। ଏହି ଘଟଣାରେ ଯୁବ ଆଇନଜୀବୀ ମଜେସ ଦଳବେହେରା ଆହୁରି ଅଭିଯୋଗ ଆଣିଛନ୍ତି ଯେ, ସୁପରିଟେଣ୍ଡେଣ୍ଟ ଜଣକ ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର କରିବା ସହ ଯେଉଁମାନେ ପ୍ରତିବାଦ କରୁଥିଲେ ସେମାନଙ୍କୁ ହଷ୍ଟଲରୁ ବାହାର କରିଦେବାକୁ ଧମକ ଦେଉଥିଲେ। ସେହିପରି ପୂର୍ବରୁ ସେହି ଅନ୍ୱେସା ହଷ୍ଟେଲରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କୁ ମଧ ସମ୍ପୃକ୍ତ ସୁପରିଟେଣ୍ଡେଣ୍ଟ ନିର୍ଯାତନା ଦେବାରୁ ସେ ସହି ନ ପାରି ଚାକିରି ଛାଡି ଦେଇଥିବା କହିଛନ୍ତି ଆଇନଜୀବୀ ଦଳବେହେରା।

ତେବେ ଜିଲାପାଳ ବିଜୟ କୁମାର ଦାସଙ୍କୁ ପଚାରିବାରୁ ସେ କହିଲେ, ପ୍ରାଥମିକ ସ୍ତରରେ ତଦନ୍ତ ଆରମ୍ଭ ପୂର୍ବରୁ ସୁପରିଟେଣ୍ଡେଣ୍ଟଙ୍କୁ ସେହି ହଷ୍ଟେଲ ଦାୟିତ୍ୱରୁ ହଟାଯାଇଛି। ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏ ନେଇ ପଚାରବାକୁ ସମ୍ପୃକ୍ତ ସୁପରିଟେଣ୍ଡେଣ୍ଟଙ୍କ ସହ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ସେ ଫୋନ ରିସଭ କରି ନ ଥିଲେ।

# ରାଧାଗୋବିନ୍ଦ ସଭାପତି, ପୂର୍ଣ୍ଣଚନ୍ଦ୍ର ଉପସଭାପତି



ଉପସ୍ଥିତ ନିର୍ବାଚିତ ପ୍ରତିନିଧିମାନେ।

## ଗୋପାଳ ସମାଜ ପରିଚାଳନା ପରିଷଦର ନିର୍ବାଚନ

ଛତ୍ରପୁର,୯।୨ (ଦିଲ୍ଲୀପ ସାମଲ)

ଛତ୍ରପୁର ବ୍ଲକ ଅନ୍ତର୍ଗତ ବିପୁଳିଙ୍ଗି ମା' ବୀରସିଂହ ପୀଠ ନିକଟରେ ଥିବା ଷୋହଳଖଣ୍ଡ ଗୋପାଳ ସମାଜ ତେରଗ୍ଥାନ ତାଲୁକା କୁଳ ଗୃହରେ ପରିଚାଳନା ପରିଷଦର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ତେରସ୍ଥାନ ତାଲୁକା ସଭାପତି ରାଧା ଗୋବିନ୍ଦ ଗୌଡ଼, ପୂର୍ବଖଣ୍ଡ ତାଲୁକା ସଭାପତି ଶିବରାମ ଗୌଡ଼ ଓ ବଡ଼ଖେମୁଣ୍ଡି (କ) ତାଲୁକା ସଭାପତି ମନୋରଞ୍ଜନ ଗୌଡ଼ଙ୍କ ପୌରୋହିତ୍ୟରେ ଏହି ନିର୍ବାଚନ ହୋଇଥିଲା। ଏଥିରେ ବିଭିନ୍ନ ତାଲୁକାର କର୍ମକର୍ତ୍ତା ଓ ଷ୍ଟିଅରିଂ କମିଟି ଉପସ୍ଥିତିରେ ସର୍ବସମ୍ମତି କ୍ରମେ ଆଗାମୀ ୫ବର୍ଷ ନିମନ୍ତେ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରାଧାଗୋବିନ୍ଦ ଗୌଡ଼, ଉପସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ଗୌଡ଼, ସମ୍ପାଦକ ଭାବେ ରବିନ୍ଦ୍ର ଗୌଡ଼, ସହ ସମ୍ପାଦକ ଭାବେ ମହନ୍ତର ଗୌଡ଼ ଓ କୋଷାଧ୍ୟକ୍ଷ ଭାବେ ବୃନ୍ଦାବନ ଗୌଡ଼ ନିର୍ବାଚିତ ହୋଇଥିଲେ। ସେହିପରି ଉପଦେଷ୍ଟା ଭାବେ ଶିବରାମ ଗୌଡ଼, ପତ୍ର ବାହାକ ଭାବେ କପିଳ ମହାଙ୍କୁଡ ଓ ନବଘନ ଗୌଡ଼ଙ୍କୁ ମନୋନୀତ କରାଯାଇଥିଲା।

# ଭଞ୍ଜନଗର ଏନ୍‌ଏସିର ଭୂମିହୀନଙ୍କୁ ଥଇଥାନ ଯୋଜନା

## ବିଧାୟକ, ଅଧକ୍ଷ ଲୋକଙ୍କ ଗୁହାରି ଶୁଣିଲେ

ଭଞ୍ଜନଗର,୯।୨ (ବାବୁଲା ପ୍ରଧାନ)

ଭଞ୍ଜନଗର ଏନ୍‌ଏସିରେ ଅନେକ ଗରିବଙ୍କ ଜମି ପଟ୍ଟା ନ ଥିବା ଯୋଗୁ ସରକାର ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଇ ପାରୁନାହାନ୍ତି। ଆସନ୍ତା ୧୫ ତାରିଖରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଭଞ୍ଜନଗର ଗସ୍ତରେ ଆସିବେ। ମନ୍ତ୍ରୀ ଏବଂ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ଶତାଧିକ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରିବା କାର୍ଯ୍ୟକ୍ରମ ରହିଛି। ଜଗନ୍ନାଥପ୍ରସାଦ ଏବଂ ଭଞ୍ଜନଗରରେ ମନ୍ତ୍ରୀଙ୍କ ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ଏହାପୂର୍ବରୁ ବିଧାୟକ ନାୟକ, ଏନ୍‌ଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର ରବିବାର ଭଞ୍ଜନଗର ଏନ୍‌ଏସି ୧୪ ନଂ. ୱାର୍ଡରେ ପହଞ୍ଚି ଲୋକଙ୍କ ସୁବିଧା ଅସୁବିଧା ପଚାରିଥିଲେ। ଲୋକେ ଶ୍ମଶାନ ଘାଟ ନିର୍ମାଣ ଏବଂ ମନ୍ଦିର ମରାମତି ପାଇଁ



ବିଧାୟକ ଏବଂ ଅଧକ୍ଷ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ସହଯୋଗ କାମନା କରିଥିଲେ। ଏଥିସହ ଶ୍ରୀରାମ ନଗର ମୁଖ୍ୟ ରାସ୍ତା କଡ଼ରେ ରହୁଥିବା ଲୋକଙ୍କ ଘରପଟ୍ଟା ନ ଥିବା ଯୋଗୁ ସେମାନେ ସରକାରୀ ସୁବିଧା ପାଇ ପାରୁନାହାନ୍ତି ବୋଲି କହିଥିଲେ। ସରକାରଙ୍କ ନୀତି ନିୟମ ଅନୁସାରେ ଯାହାକିଛି ସୁବିଧା ସମ୍ଭବ ଯୋଗାଇ ଦିଆଯିବ ବୋଲି ବିଧାୟକ କହିଥିଲେ। ବିଧାୟକଙ୍କ ଗସ୍ତ ବେଳେ ଏନ୍‌ଏସି ନିର୍ବାହୀ ଅଧିକାରୀ ମୁରଲୀ କ୍ରିଷ୍ଣା ପଣ୍ଡା, ଅଧକ୍ଷ ଗୋପବନ୍ଧୁ ମହାପାତ୍ର, କାଉନସିଲର ଶିବରାମ ନାୟକ, ଭାଜପା ନେତା ଧୋବା ଗୌଡ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବହୁବର୍ଷ ପରେ ବର୍ତ୍ତମାନ ଭଞ୍ଜନଗର ସହରର ମାଷ୍ଟର ପ୍ଲାନ ପ୍ରସ୍ତୁତ ଚାଲିଛି। ଡ୍ରେନେଜ ବ୍ୟବସ୍ଥା ଉପରେ ମଧ ନକ୍ସା ହେଉଛି। ଆଗାମୀ ଦିନରେ ସହରକୁ ସୁନ୍ଦର କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଥିବା ଜଣାପଡିଛି ।

### ୧୮ରୁ ବେଲଘର ଡିମ୍ବୁଲି ମହୋତ୍ସବ

ବାଲିଗୁଡା,୯।୨ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ବ୍ଲକ ବେଲଘର ନିକଟ ତର୍ଗାବାଲି ଠାରେ ଡିମ୍ବୁଲି ମହୋତ୍ସବ ସମାରୋହ ସମିତି ଆନୁକୂଲ୍ୟରେ ଡିମ୍ବୁଲି ମହୋତ୍ସବ ଚଳିତ ମାସ ୧୮ଓ ୧୯ ଦୁଇଦିନ ଧରି ମହୋତ୍ସବ ସଭାପତି ଗୌରଚନ୍ଦ୍ର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଏ ନେଇ ସମସ୍ତ କାର୍ଯ୍ୟକ୍ରମ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରଥମ ତଥା ଉଦ୍‌ଘାଟନ ଦିନ ସକାଳ ୯ଘଣ୍ଟ ସମୟରେ ଶ୍ରୀମୁଲି ଡିମ୍ବୁଲି ତୀର୍ଥକ୍ଷେତ୍ର ପରିକ୍ରମା, ଅପରାହ୍ନରେ ପାରମ୍ପରିକ ନୃତ୍ୟ ବାଦ୍ୟ ସହ ନଗର ପରିକ୍ରମା, ଅପରାହ୍ନରେ ସଭା କାର୍ଯ୍ୟକ୍ରମ ଆରମ୍ଭ, ସନ୍ଧ୍ୟାରେ କ୍ଲାମ୍ବୁ ମୁଖିଆଙ୍କୁ ସମ୍ମାନ ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଥିବା ବେଳେ ତଥା ଉଦଯାପନୀ ଉତ୍ସବରେ ସଭା କାର୍ଯ୍ୟ ଆରମ୍ଭ ସହ ନିଜନିଜ କ୍ଲାମ୍ବୁ ଅନୁସାରେ ବୈଠକ, ଅପରାହ୍ନରେ ବାର ଭାଇ କ୍ଲାମ୍ବୁ ଅନୁସାରେ ବନ୍ଧୁ ମିଳନ ଓ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହେବ।

# ବିଜେଡିର ବନ୍ଧୁମିଳନ, ସାଙ୍ଗଠନିକ ଆଲୋଚନା

ହିଞ୍ଜିଳିକାଟୁ, ୯।୨ (ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ଘୋଡ଼ାଇଶୁଣି ପୀଠରେ ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡ଼ି ପକ୍ଷରୁ ବନ୍ଧୁ ମିଳନ ଓ ସାଙ୍ଗଠନିକ ଆଲୋଚନା କାର୍ଯ୍ୟକ୍ରମ ଶନିବାର ପୂର୍ବାହ୍ନ ଅନୁଷ୍ଠିତ ହୋଇଛି। ନବୀନ ପଟ୍ଟନାୟକଙ୍କ ଡିଆରଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରଞ୍ଜିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦଳୀୟ ସଙ୍ଗଠନକୁ ଆଗକୁ ବଢ଼ାଇବାକୁ ପରାମର୍ଶ ଦେଇଥିଲେ।

ଲୋକଙ୍କ ସ୍ୱାର୍ଥ ନେଇ ସବୁଠି ଉଠିବ ସ୍ୱର, ସଭିଙ୍କୁ ସାଥିରେ ନେଇ ଲଢ଼େଇ ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ ବିରୋଧୀ ଦଳ ନେତାଙ୍କ ନିର୍ବାଚନମଣ୍ଡଳୀ ପ୍ରତିନିଧି। ହିଞ୍ଜିଳିକାଟୁ ବ୍ଲକର ବରିଷ୍ଠ ନେତା ସୁରେନ୍ଦ୍ର ପ୍ରଧାନ, ଏନ୍ ରଘୁନାଥ, ଦୁର୍ଗା ମହାନ୍ତି ଓ ସରପଞ୍ଚ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

# ଫାଦରଙ୍କ ପାଇଁ ଥାନା ସମ୍ମୁଖରେ ଧାରଣା



ଧାରଣା ଦେଉଥିବା ଲୋକମାନଙ୍କୁ ବୁଝାଶୁଝା କରାଯାଇଛି।

ମୋହନା,୯।୨ (ମନ୍ମଥ ମିଶ୍ର)

ଦୁଇଦିନ ଧରି ଦୁଇ ଗୋଷ୍ଠୀ ମୋହନା ଥାନା ସମ୍ମୁଖରେ ଶତାଧିକ ଲୋକ ରୁଣ୍ଡ ହୋଇଥିଲେ। ଚାନ୍ଦିପୁଟ ଚର୍ଚ୍ଚର ଫାଦର ଜୋସେଫ୍ ପାଣିଙ୍କୁ ନିଜ ବାସ ଭବନରୁ ଶନିବାର କିଛି ଲୋକେ ଉଠାଇ ଆଣି ଥାନା ଜିମା ଦେଇଥିଲେ। ପୋଲିସ୍‌ର ବୁଝାଶୁଝା ପରେ ଶନିବାର ବିଳମ୍ବିତ ରାତିରେ ଲୋକଙ୍କ ସହ ଫାଦରଙ୍କୁ ନିଜ ପରିବାରଙ୍କୁ ହସ୍ତାନ୍ତର କରିଥିଲେ। ପୁଣି ରବିବାର ଫାଦରଙ୍କ ସହ ସହ ସମର୍ଥକ ଥାନା ସମ୍ମୁଖରେ ଦିନ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବସି ରହିଥିଲେ। ସୂଚନା ମୁତାବକ ଦୀର୍ଘ ବର୍ଷ ହେଲାଣି ଚାନ୍ଦିପୁଟରେ ଥିବା ଚର୍ଚ୍ଚରେ ଜଣେ ଫାଦର ରହିଆସୁଛନ୍ତି। ହେଲେ ତାଙ୍କୁ ଚାନ୍ଦିପୁଟର ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକମାନେ ଫାଦର ବୋଲି ମାନୁନାହାନ୍ତି । ନିଜ ଭଉଣୀଙ୍କ ସହ ଫାଦର ଜୋସେଫ୍ ପାଣି ଚର୍ଚ୍ଚରେ ରହୁଥିବାରୁ ଚାନ୍ଦିପୁଟ ଖ୍ରୀଷ୍ଟିଆନ୍ ସମାଜର କିଛି ଲୋକେ ବିରୋଧ କରି ମୋହନା ଥାନାକୁ ଆଣିଥିଲେ। ଯେଉଁଥିପାଇଁ ପୋଲିସ ଦୀର୍ଘ ସମୟ ଧରି ହଟହଟା ହୋଇଥିଲା। ଆଜିପୁଣି ଫାଦରଙ୍କ ସମର୍ଥକ ଫାଦର ଚାନ୍ଦିପୁଟ ଚର୍ଚ୍ଚ ପରିସରରେ ଥିବା ବାସଭବନରେ ରହିବା ନେଇ ଜିଦ୍ ଧରି ଦୀର୍ଘ ୬ ଘଣ୍ଟା ଥାନା ସମ୍ମୁଖରେ ରହିଥିଲେ। ଶତାଧିକ ଲୋକେ ଥାନା ସମ୍ମୁଖରେ ରହିଥିବାରୁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା।

# କାମାକ୍ଷା ପୀଠରେ ବିଜେଡ଼ିର ବୈଠକ

## ଏକ୍‌ଜୁଟ ହୋଇ ରହିବାକୁ ଆହ୍ୱାନ

ଶେରଗଡ଼,୯।୨ (ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ଼ ବ୍ଲକ ନରେନ୍ଦ୍ରପୁର ଗ୍ରାମ ସ୍ଥିତ କାମାକ୍ଷା ପୀଠରେ ବିଜେଡ଼ିର ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର ଅଧକ୍ଷତା କରିଥିଲେ। ବିଧାୟକ ପ୍ରତିନିଧି ଦିଗାମ୍ବର ନାହାକ ଓ ବ୍ଲକ୍ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ ସଂଯୋଜନାରେ ଅନୁଷ୍ଠିତ ବୈଠକରେ କର୍ମୀମାନେ ଏକଜୁଟ ହୋଇ ନବୀନ ପଟ୍ଟନାୟକଙ୍କ ହାତକୁ ଟାଣ କରିବା ସହ ସଭ୍ୟ ସଂଗ୍ରହକୁ ଜୋରଦାର କରିବାକୁ କହିଥିଲେ। ବିଜେଡି ସରକାର ସମୟରେ ହୋଇଥିବା ଜନ ହିତକର ଯୋଜନାକୁ ନେଇ ଲୋକମାନଙ୍କୁ ସଚେତନ କରିବା ସହ ପୁଣି ଯେପରି ବିଜେଡ଼ି ରାଜ୍ୟ ଶାସନକୁ ଆସିବା ସେ ଦିଗରେ ପ୍ରତ୍ୟେକ ନେତା କର୍ମୀ ଲାଗି ପଡ଼ିବାକୁ ବୈଠକରେ ଆଲୋଚନା ହୋଇଥିଲା। ଭାଜପାର ଡବଳ ଇଞ୍ଜିନ୍ ସରକାରକୁ ତୀବ୍ର ସମାଲୋଚନା କରିବା ସହ ଏହି ଅଞ୍ଚଳର ବିକାଶ ଦିଗରେ ଦାବି ଉପସ୍ଥାପନା କରିବାକୁ ଉପସ୍ଥିତ ବିଜେଡ଼ି ନେତାଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ବରିଷ୍ଠ ନେତା ହୃଷିକେଶ ପାଢ଼ୀ, ହୀନ ବେହେରା, ପ୍ରମୋଦ ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ମାଧବାନନ୍ଦ ପଣ୍ଡା, ଅନିଲ ମହାପାତ୍ର, ସିମାଞ୍ଚଳ ପ୍ରଧାନ, ବଳରାମ ରାଉତ ସମେତ ବହୁ କର୍ମୀ ଯୋଗଦେଇ ଥିଲେ।

# ତିନିଛକିଆ, ବଡ଼ଗଡ଼, ବାଲିପଦର ବ୍ଲକ ଘୋଷଣା ଦାବି

## ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ବୈଠକ

ଭଞ୍ଜନଗର,୯।୨ (ବାବୁଲା ପ୍ରଧାନ)

ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ରବିବାର ସ୍ଥାନୀୟ ବନବିଭାଗ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ସୋମନାଥ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆରମ୍ଭରେ ସଭ୍ୟ କେ. ମୋହନ ରାଓଙ୍କ ବିୟୋଗରେ ଦୁଇ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ରବିନାରାୟଣ ସାମନ୍ତ ଗତ ସାଧାରଣ ଅଧିବେଶନର ବିବରଣୀ ପାଠ କରିଥିଲେ। ଘୁମୁସର ଜିଲା ଗଠନ ସମ୍ପର୍କରେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ସାକ୍ଷାତ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । କାର୍ଯ୍ୟକାରୀ ସଭାପତି ସନ୍ତୋଷ ତିଆଡ଼ି ନୂତନ ଜିଲା ଗଠନ ସମ୍ପର୍କରେ ବର୍ତ୍ତମାନ ସରକାରଙ୍କ ଅଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟରେ ପ୍ରସ୍ତାବିତ ବ୍ଲକ ଗୁଡ଼ିକ ଗଠନ ହେବା ପରେ ନୂତନ ଜିଲା ଗଠନ ପ୍ରକ୍ରିୟା ଆରମ୍ଭ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ତାକୁ ଆଧାର କରି ସଭାପତି ନାୟକ କହିଥିଲେ ଯେ, ସୋରଡ଼ା ବ୍ଲକର ବଡ଼ଗଡ଼, ଜଗନ୍ନାଥପ୍ରସାଦ ବ୍ଲକର ତିନିଛକିଆ ଏବଂ ବୁଗୁଡ଼ା ବ୍ଲକର ବାଲିପଦରକୁ ବ୍ଲକ ଘୋଷଣା ପାଇଁ ସମ୍ପୃକ୍ତ ଅଞ୍ଚଳବାସୀ ଦାବି କରିବାକୁ ହେବ ବୋଲି କହିଥିଲେ। ବରିଷ୍ଠ ନାଗରିକ ମଞ୍ଚ ସେମାନଙ୍କୁ ଏ ଦିଗରେ ଉତ୍ସାହିତ କରନ୍ତୁ ବୋଲି ନାୟକ ପ୍ରକାଶ କରିଥିଲେ। ମଧୁସୂଦନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ, ଭୌଗଳିକ ଦୃଷ୍ଟି କୋଣରୁ ବାଲିପଦର, ତିନିଛକିଆ ଏବଂ ବଡଗଡରେ ବ୍ଲକ ସ୍ଥାପନ ଆବଶ୍ୟକତା ରହିଛି।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

# ସୁଧୁରୁନି ସମସ୍ୟା, ରାଡାବାଲିବାସୀଙ୍କୁ ରାସ୍ତା ଯନ୍ତ୍ରଣା

ରାଇକିଆ,୯।୨ (ପ୍ରଦୀପ ବେହେରା)

କନ୍ଧମାଳ ଜିଲା ରାଇକିଆ ବ୍ଲକ ସୁଗଡବଡି ପଞ୍ଚାୟତର ରାଡାବାଲି ଗ୍ରାମବାସୀଙ୍କ ଦୁଃଖ ପାଲଟିଛି ରାସ୍ତା। ପାହାଡ଼ ଉପରେ ଥିବା ଏହି ଗାଁରେ ୨୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ତେବେ ଗାଁ ପାଇଁ ବଡ଼ ସମସ୍ୟା ସାଜିଛି ପାହାଡ଼ିଆ ରାସ୍ତା। ବିଭିନ୍ନ କାର୍ଯ୍ୟରେ ଗ୍ରାମବାସୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବାକୁ ହେଲେ ୨ କିଲୋମିଟର ପଥୁରିଆ ପାଦଚଲା ରାସ୍ତାରେ ପାହାଡ଼ ଉପରୁ ଆସିବାକୁ ପଡ଼େ। ଗୁରୁତର ରୋଗୀଙ୍କୁ ଗ୍ରାମବାସୀ କାନ୍ଧରେ ବୋହି ପାହାଡ଼ ତଳକୁ ଆଣିଲା ପରେ ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥାଏ । ଗାଁରେ ବିଦ୍ୟାଳୟ ନାହିଁ । ଛାତ୍ରୀଛାତ୍ରମାନେ ପାଠ ପଢ଼ିବା ପାଇଁ ସୁଗଡବାଡି ଆସନ୍ତି। ପ୍ରତ୍ୟେକ ଦିନ ଦୁଇ କିମି ପାହାଡ଼ ଖସିବା ସହ ଫେରିଲା ବେଳେ ପୁଣି ଦୁଇ କିମି ପାହାଡ଼ ଚଢ଼ିଥାନ୍ତି। ବର୍ଷା ଦିନେ ପରିସ୍ଥିତି ଅଧିକ ଜଟିଳ ହୋଇପଡ଼େ। ପୂର୍ବରୁ ଗାଁରେ ପ୍ରାଥମିକ ବିଦ୍ୟାଳୟଟିଏ ଥିଲା । ପିଲାଙ୍କ ସଂଖ୍ୟା କମ ହେବାରୁ ଏହାକୁ ବନ୍ଦ କରି ଦିଆଗଲା । ସୁଗଡବାଡି ପଞ୍ଚାୟତକୁ ଆସିବାକୁ



ପଥର ରାସ୍ତାରେ ଛାତ୍ରୀଛାତ୍ର, ଲୋକମାନେ ଚାଲି ଚାଲି ଯାଉଛନ୍ତି।

ହେଲେ ରାଡାବାଲିରୁ ଲଡେଡି ଦେଇ ୫ କିମିର ମାଟି ରାସ୍ତା ଅଛି ଯେଉଁଠି କଷ୍ଟ ସାଧ ହେଲେ ମଧ ଯାନବାହନ ଚଳାଚଳ ସମ୍ଭବ ହୋଇପାରୁଛି। କିନ୍ତୁ ପାହାଡ଼ ରାସ୍ତାରେ ମାତ୍ର ଦୁଇ କିମି ପଡୁଥିବାରୁ ଏହି ରାସ୍ତା ଦେଇ ଯା'ଆସ ପାଇଁ ପ୍ରାଥମିକତା ଦେଉଛନ୍ତି ଗ୍ରାମବାସୀ । ଏ ନେଇ ଗ୍ରାମର ପ୍ରଶାନ୍ତ ପ୍ରଧାନ କୁହନ୍ତି, ଲଡେଡି ଦେଇ ରାସ୍ତା ଦୂର ହେଉଥିବାରୁ ପାହାଡ଼ ଦେଇ ରାସ୍ତା ନିର୍ମାଣ ପାଇଁ ଆମେ ଜିଲାପାଳଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ମଧ ପହଞ୍ଚି ସମସ୍ୟା ଜଣାଇଛୁ । କିନ୍ତୁ କୌଣସି ସୁଫଳ ମିଳିନି । ଏ ନେଇ ସୁଗଡବାଡି ସରପଞ୍ଚ ସୁରଞ୍ଜନ ପ୍ରଧାନ କୁହନ୍ତି, ପାହାଡ଼ ଦେଇ ରାସ୍ତା ନିର୍ମାଣ ପାଇଁ ପୂର୍ବରୁ ଉଦ୍ୟମ ହୋଇଥିଲା । ୪୦୦ ମିଟର ପର୍ଯ୍ୟନ୍ତ ରାସ୍ତା ହେଲା ପରେ ବଡ ବଡ ପଥର ପଡ଼ିବା ଯୋଗୁଁ ରାସ୍ତା କାମ ଆଗକୁ ବଢ଼ିପାରିଲା ନାହିଁ । ପରବର୍ତ୍ତୀ ସମୟରେ ଲଡେଡି ଗ୍ରାମ ଦେଇ ରାସ୍ତା ନିର୍ମାଣ କରାଗଲା । ଆଗକୁ ଏହି ରାସ୍ତାକୁ ଆହୁରି କାମ କରାଯିବ। ଯାହା ଫଳରେ ସମସ୍ତ ପ୍ରକାର ଯାନ ବାହନ ସହଜରେ ଚଳ ପ୍ରଚଳ ହୋଇପାରିବ ବୋଲି ସରପଞ୍ଚ କହିଛନ୍ତି।

# ଗଞ୍ଜାମ ଜିଲାରେ ଷ୍ଟ୍ରବେରୀ ଚାଷ ବଢୁଛି

ବ୍ରହ୍ମପୁର,୯।୨(ଅଶୋକ କୁମାର ସାହୁ)



ପାତ୍ରପୁର ବ୍ଲକରେ ଗଞ୍ଜାମ ଜିଲାପାଳ ଷ୍ଟ୍ରବେରୀ ଚାଷ ପରିଦର୍ଶନ କରୁଛନ୍ତି।

କୃଷି ପ୍ରଧାନ ଗଞ୍ଜାମ ଜିଲା ଚାଷ କ୍ଷେତ୍ରରେ ଏବେ ଆଉ ପାଦେ ଆଗେଇଛି। ଷ୍ଟ୍ରବେରୀ ଚାଷ ପାଇଁ ଚାଷୀଙ୍କ ଆଗ୍ରହ ବୃଦ୍ଧି ପାଇଛି। ଏହା ଏକ ଅର୍ଥକରୀ ଫସଲ ଓ କମ ସମୟରେ ଆଦାୟ ହେଉଥିବାରୁ ଏଥିପ୍ରତି ଚାଷୀ ମନ ବଳାଇଛନ୍ତି। ପ୍ରଥମେ ଦୁଇଟି ବ୍ଲକରେ ଏହି ଚାଷ ହୋଇଥିବାବେଳେ ଏବେ ୪ଟି ବ୍ଲକରେ କରାଯାଇଛି। ଗତବର୍ଷ ପ୍ରଥମ କରି ସୋରଡା ଓ ପାତ୍ରପୁର ବ୍ଲକର ମୋଟ ୨ ଏକର ଜମିରେ ଷ୍ଟ୍ରବେରୀ ଚାଷ ଆରମ୍ଭ ହୋଇଥିଲା। ୪ଜଣ ଚାଷୀ ଏହି ଚାଷ କରିଥିବାବେଳେ ଚଳିତବର୍ଷ ମୋଟ ୧୩ ଏକର ଜମିରେ ୧୫ ଜଣ ଚାଷୀ ଷ୍ଟ୍ରବେରୀ ଚାଷ କରିଛନ୍ତି। ଚଳିତବର୍ଷ ସୋରଡା ବ୍ଲକର ୬, ପାତ୍ରପୁର ବ୍ଲକର ୧, ଦିଗପହଣ୍ଡି ବ୍ଲକର ୨ ଓ ସାନଖେମୁଣ୍ଡି ବ୍ଲକର ୪ ଏକର ଜମିରେ ଏହି ଚାଷ ହୋଇଛି।

ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମହାରାଷ୍ଟ୍ରରୁ ଷ୍ଟ୍ରବେରୀ ଚାରା ରାଜ୍ୟ ବିହନ ନିଗମକୁ ଆସୁଛି। ଏକର ପ୍ରତି ଚାଷୀଙ୍କୁ ୫ ହଜାର ଗଛ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ୨୨ ହଜାର ଗଛ ଆସିଛି। ଚାଷୀଙ୍କୁ ଏକର ପ୍ରତି ୧ ଲକ୍ଷ ୩୫ ହଜାର ଟଙ୍କା ଦିଆଯାଉଛି। ଏହି ଚାଷ ପାଇଁ ବୁନ୍ଦା ଜଳସେଚନ ଓ ଜରି ପକାଇବା ପାଇଁ ଚାଷୀ ଏହି ଅର୍ଥ ଖର୍ଚ୍ଚ କରିପାରିବେ। ଏଥିରେ ବି ସବ୍‌ସିଡି ବ୍ୟବସ୍ଥା ରହିଛି। ତେବେ ଗତ ଅକ୍ଟୋବରରେ ଚାରା ରୋପଣ କରିବାର ସମୟ ଥିବାବେଳେ ଡିସେମ୍ବରରେ ଷ୍ଟ୍ରବେରୀ ଅମଳ ହେବା କଥା। କିନ୍ତୁ ଚଳିତବର୍ଷ ବିଳମ୍ବରେ ଚାରା ରୋପଣ କରାଯାଇଛି। ବର୍ତ୍ତମାନ ଓଡ଼ିଶାରେ ଷ୍ଟ୍ରବେରୀ କିଲୋ ପ୍ରତି ୪୨୦ ଟଙ୍କାରେ ବିକ୍ରି ହେଉଛି। ଗତବର୍ଷ ୨ ଏକରରୁ ୪୦ କୁଇଣ୍ଟାଲ ଲେଖାଏଁ ଆଦାୟ ହୋଇଥିଲା। ଚଳିତବର୍ଷ ଚାଷ ଉନ୍ନତ ହୋଇଥିବାରୁ ୫୦ରୁ ୬୦ କୁଇଣ୍ଟାଲ ଆଦାୟ ହେବ ବୋଲି ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି। ପାତ୍ରପୁର ବ୍ଲକରେ ହୋଇଥିବା ଷ୍ଟ୍ରବେରୀ ଚାଷକୁ ଗତ ଦୁଇଦିନ ତଳେ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡା ପରିଦର୍ଶନ କରି ଚାଷୀଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଦିଗପହଣ୍ଡି ବ୍ଲକରେ ବିଧାୟକ ସିଦ୍ଧାନ୍ତ ମହାପାତ୍ର ଏହି ଚାଷ ବୁଲି ଦେଖିଥିଲେ। ଚାଷୀଙ୍କୁ ପ୍ରୋତ୍ସାହନ ଅଭାବରୁ ଏହି ଚାଷ ହୋଇପାରୁନଥିଲା। କିନ୍ତୁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଏହି ଚାଷ କରିବାକୁ ପ୍ରୋତ୍ସାହିତ କରାଯାଉଛି। ଦିଗପହଣ୍ଡି ବ୍ଲକର ଫକିର ସେଠୀ ଓ କୈଳାସ ସାହୁ ଚଳିତବର୍ଷ ନୂଆ କରି ୨ ଏକର ଜମିରେ ଏହି ଚାଷ କରିଥିବା କହିଛନ୍ତି। ସେହିପରି ପାତ୍ରପୁର ବ୍ଲକର ମନ୍ଦରଡା ପଞ୍ଚାୟତ ହରିଡାମଡା ଗ୍ରାମର କେ.ସବିତା କହିଛନ୍ତି, ଗତବର୍ଷ ଏହି ଚାଷ କରାଯାଇଥିବାରୁ ଚଳିତବର୍ଷ ଏଥିପ୍ରତି ଆଗ୍ରହ ବଢ଼ିଛି। ସାନଖେମୁଣ୍ଡି ବ୍ଲକର କଙ୍କୋରଡା ଗ୍ରାମର ଶ୍ରୀକାନ୍ତ ପାତ୍ର ଚାଷ ଭଲ ହୋଇଥିବା କହିଛନ୍ତି। ଉଦ୍ୟାନ କୃଷି ବିଭାଗର ଉପ ନିର୍ଦ୍ଦେଶକ କନ୍ଦ ଜେନା କହିଛନ୍ତି ଯେ, ଚାଷୀଙ୍କୁ ଏହି ଚାଷ କରିବାକୁ ପ୍ରୋତ୍ସାହିତ କରାଯାଉଛି। ଗତବର୍ଷ ଅପେକ୍ଷା ଚଳିତବର୍ଷ ଚାଷ ବଢ଼ିଛି ବୋଲି କହିଛନ୍ତି।

## ସଂକ୍ଷେପରେ

### ସମ୍ପତ୍ତି ପାଇଁ ବିବାଦରୁ ୧୪ ଘଣ୍ଟା ପଡ଼ିରହିଲା ମୃତଦେହ

ଦିଗପହଣ୍ଡି,୯।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ବି.ତୁରୁବୁଡି ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ସମ୍ପତ୍ତି ପାଇଁ ବିବାଦ କାରଣରୁ ଗ୍ରାମର ନିଃସନ୍ତାନ ମହିଳା ଏସ. ସାକିଲି ରେଡ୍ଡୀଙ୍କ ମୃତଦେହ ୧୪ ଘଣ୍ଟା ଘରେ ପଡ଼ି ରହିଥିଲା। ପୋଲିସ ଗାଁରେ ପହଞ୍ଚି ବୁଝାଶୁଝା କରିବା ପରେ ରାତି ୮ଟାରେ ମୃତଦେହ ସତ୍କାର କରାଯାଇଛି।

ସ୍ୱାମୀ ପରିତ୍ୟକ୍ତା ଏସ. ସାକିଲି ନିଃସନ୍ତାନ ଥିବାରୁ ତାଙ୍କ ଭାଇ ଏସ. ଦୁର୍ଯୋଙ୍କ ପୁଅ ଏସ.ବୁଦ୍ଧିଆଙ୍କୁ ପୋଷ୍ୟ ପୁଅ କରିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରେ ବିବାଦ କାରଣରୁ ଲାଡ଼ି ଗାଁ ବିଜୟ ପଦ୍ମନାଭପୁର ଗ୍ରାମରେ ରହୁଥିବା ସାନଭଉଣୀ ଏସ. ପଦି ରେଡ୍ଡୀ ବଡ଼ ଭଉଣୀ ଏସ. ସାକିଲିଙ୍କୁ ନେଇ ପାଖରେ ରଖିଥିଲେ। ରବିବାର ସକାଳ ୬ଟାରେ ଏସ. ସାକିଲି ଗାଁ ପୋଖରୀକୁ ଗାଧୋଇ ଯାଇଥିବା ବେଳେ ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ସାନ ଭଉଣୀ ମୃତଦେହକୁ ସଂସ୍କାର ନିମନ୍ତେ ବି. ତୁରୁବୁଡି ଗାଁ କୁ ଆଣିଥିଲେ। କିନ୍ତୁ ପୋଷ୍ୟ ପୁଅ ତାଙ୍କୁ ସମ୍ପତ୍ତି ନ ଦେଲେ ମୃତଦେହ ସଂସ୍କାର କରିବି ନାହିଁ ବୋଲି କହିଥିଲେ। ଏନେଇ ବିବାଦ ଉପୁଜିଥିଲା। ଗ୍ରାମର ଜାତିଭଦ୍ରଲୋକମାନେ ଏଥିରେ ହସ୍ତକ୍ଷେପ କରି ସମାଧାନ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଉଭୟ ପକ୍ଷ ସେମାନଙ୍କ ଜିଦରେ ଅଟଳ ରହିଥିଲେ। ଘଟଣା ଦିଗପହଣ୍ଡି ଥାନାରେ ପହଞ୍ଚିଥିଲା। ପୋଲିସ ଟିମ ଗାଁରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିବା ପରେ ସରପଞ୍ଚ ଲିଙ୍ଗରାଜ ଦୋରାଙ୍କ ଉପସ୍ଥିତିରେ ଘଟଣାର ସମାଧାନ ହୋଇଥିଲା। ମୃତାଙ୍କ ବ୍ୟାଙ୍କ ଜମା ଖାତାରେ ଥିବା ୨ ଲକ୍ଷ ୬୦ ହଜାର ଟଙ୍କା ସ୍ଥାୟୀ ଜମା ରାଶି,ତାଙ୍କ ଆଧାର କାର୍ଡ, ଘରପଟ୍ଟା ପୋଷ୍ୟ ପୁଅ ଏସ.ବୁଦ୍ଧିଆଙ୍କୁ ହସ୍ତାନ୍ତର କରାଯିବା ପରେ ସେ ତାଙ୍କ ମା'ଙ୍କ ଅନ୍ତିମ ସଂସ୍କାର କରିଥିବା ଜଣାପଡ଼ିଛି।

### ୨ ଲୁଟେରା ଗିରଫ, ୩୬ ଗ୍ରାମ ସୁନାଗହଣା ସହ ବାଇକ ଜବତ

ବ୍ରହ୍ମପୁର, ୯।୨(ସୁବାସ ଚନ୍ଦ୍ର ପାଢ଼ୀ)

ଟାଉନ ଥାନା ପୋଲିସ ଦୁଇ ଜଣ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଆସ୍କା ଅଞ୍ଚଳର ରବି ଦାସ(୨୮)ଓ ଅନ୍ୟଜଣେ ଯାଜପୁର ଝଙ୍ଖାପୁରା ଥାନା ଅଞ୍ଚଳର ସୁମେନ ପ୍ରଧାନ(୩୬)। ପୋଲିସ ସେମାନଙ୍କ ନିକଟରୁ ୭ ମୋବାଇଲ, ୩୫.୭୦୦ ଗ୍ରାମର ବିଭିନ୍ନ ପ୍ରକାରର ସୁନା ଅଳଙ୍କାର , ପଲସର ବାଇକ ଓ ୨୫୦୦ ଟଙ୍କା ଜବତ କରିଛି। ବ୍ରହ୍ମପୁର ଟାଉନ ଥାନା ଅଞ୍ଚଳର ପୃଥକ ସ୍ଥାନରୁ ଦୁଇଜଣ ମହିଳାଙ୍କ ବେକରୁ ସୁନା ହାର ଝାମ୍ପି ନେଇଥିଲେ ବୋଲି ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଜେରା ବେଳେ ସେମାନେ ସ୍ୱୀକାର କରିଥିଲେ। ଉଭୟ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। କିଛିମାସ ମଧ୍ୟରେ ଲୁଟେରା ଗ୍ୟାଙ୍ଗ ଅନେକ ମହିଳାଙ୍କ ବେକରୁ ସୁନାହାର ଝାମ୍ପି ନେଇଥିଲେ। ଉକ୍ତ ଗ୍ୟାଙ୍ଗକୁ ଧରିବା ପାଇଁ ବ୍ରହ୍ମପୁର ଏସପିଙ୍କ ନିର୍ଦ୍ଦେଶରେ ତିନୋଟି ଟିମ ଗଠିତ ହୋଇଥିଲା। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଟିମ ଛାନଭିନ କରିଥିଲା। ପରେ ଅଭିଯୁକ୍ତଙ୍କ ସମ୍ପର୍କରେ ମିଳିଥିବା ସୁରାଗ ଆଧାରରେ ଗୋଟିଏ ଟିମ ଆସ୍କା ଓ ଅନ୍ୟ ଏକ ଟିମ ଯାଜପୁର ଅଞ୍ଚଳରେ ଚଢଉ କରି ଉକ୍ତ ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲା। ସେମାନେ ଗତ ଜାନୁଆରୀରେ ଗାନ୍ଧୀନଗର ମୁଖ୍ୟ ରାସ୍ତାର ରୁକ୍ମିଣି ସିନେମା ହଲ ନିକଟରୁ ଜଣେ ମହିଳାଙ୍କ ବେକରୁ ଓ ଫେବୃଆରୀ ମାସରେ ମିଲିଟାରୀ ଲାଇନରେ ଜଣେ ମହିଳାଙ୍କ ବେକରୁ ସୁନା ହାର ଲୁଟ କରିଥିବା ଜଣାପଡ଼ିଛି।

### ଖଣ୍ଡଦେଉଳି ହାଇସ୍କୁଲର ବାର୍ଷିକୋତ୍ସବ

ଗଞ୍ଜାମ,୯।୨(ବିଦ୍ୟାଧର ସାହୁ)

ଖଣ୍ଡଦେଉଳି ହାଇସ୍କୁଲରେ ୫୫ତମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଡ଼ା. ଶଙ୍କର ନାରାୟଣ ବେଜ୍‌ଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଛି। ମୁଖ୍ୟ ଅତିଥି ରୂପେ ଅର୍ଜ୍ଜୁନ ପୁରସ୍କାରପ୍ରାପ୍ତ ଡିଏସ୍‌ପି କେ.ରବି କୁମାର ଯୋଗଦେଇ ସଂଘର୍ଷରୁ ସଫଳତା ପାଇବାକୁ ହେଲେ କଠିନ ପରିଶ୍ରମ ଏବଂ ଶୃଙ୍ଖଳା ନିହାତି ଆବଶ୍ୟକ ବୋଲି ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ସୁଚିତ୍ରା ପାଣିଗ୍ରାହୀ ଯୋଗ ଦେଇଥିଲେ। ମୋବାଇଲ୍ ଠାରୁ ଦୂରରେ ରହିବା ପାଇଁ ପିଲାମାନଙ୍କୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା, ସରପଞ୍ଚ ବୈରାଗୀ ବେହେରା, ସମିତିସଭ୍ୟା ଏସ୍.ସାବିତ୍ରୀ, ପୂର୍ବତନ ପ୍ରଧାନଶିକ୍ଷକ ରାମଚନ୍ଦ୍ର ଗୌଡ଼ ଏବଂ ରାମଚନ୍ଦ୍ର ନାୟକ, ସ୍କୁଲ ପ୍ରତିଷ୍ଠାତା ସଦସ୍ୟ ଅଭିରାମ ବେହେରା, ଏସ୍‌ଏମ୍‌ସି ସଭାପତି ରାମଚନ୍ଦ୍ର ଜେନା ଯୋଗ ଦେଇଥିଲେ।

# ସାମୟିକ ଗଣନାକାରୀ ପ୍ରଶିକ୍ଷଣ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ସାମୟିକ ଗଣନାକାରୀ।

ବ୍ରହ୍ମପୁର,୯।୨(ସ୍ମୃତି ରଞ୍ଜନ ମହାଲିକ)

କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧିନସ୍ଥ ଜନଗଣନା ନିର୍ଦ୍ଦେଶାଳୟ ପକ୍ଷରୁ ନମୁନା ପଞ୍ଜିକରଣ ପଦ୍ଧତି କାର୍ଯ୍ୟକ୍ରମ ମାଧ୍ୟମରେ ସାମୟିକ ଗଣନାକାରୀଙ୍କ ଦିନିକିଆ ପ୍ରଶିକ୍ଷଣ କର୍ମଶାଳା ରବିବାର ୟୁସିପି ଇଂଜିନିୟରିଂ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଂଜାମ, ଗଜପତି ଓ ପୁରୀ ଜିଲାର ୪୦ ସାମୟିକ ଗଣନାକାରୀ ଯୋଗ ଦେଇଥିଲେ। କର୍ମଶାଳାରେ ଗଂଜାମ ସମାଜ କଲ୍ୟାଣ ଅଧିକାରୀ ପଦ୍ମିନୀ ସାହୁ, ଗଜପତିର ସହକାରୀ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଏମ କେ ଭୂୟାଁ ଏବଂ ଓଡ଼ିଶା ଜନଗଣନା ନିର୍ଦ୍ଦେଶାଳୟ ପରିସଂଖ୍ୟାନ ଅନୁସନ୍ଧାନକାରୀ ପ୍ରଦୀପ କୁମାର ମହାକୁଡ଼, ସଂଜୟ କୁମାର ଦାଶ, ଅକ୍ଷୟ କୁମାର ନାୟକ ଓ ଦଣ୍ଡି ରମେଶ ପ୍ରମୁଖ ଉପସ୍ଥିତ ଥିଲେ । ସମାଜ କଲ୍ୟାଣ ଅଧିକାରୀ ଭାରତ ବର୍ଷର ଜନଗଣନା ଓ ନମୁନା ପଞ୍ଜିକରଣର ଗୁରୁତ୍ୱ ସଂପର୍କରେ ଆଲୋକପାତ କରିଥିଲେ । ଏଥିସହ ଓଡ଼ିଶା ନମୁନା ପଞ୍ଜିକରଣ ମାଧ୍ୟମରେ ଜନ୍ମହାର, ମୃତ୍ୟୁହାର, ଶିଶୁ ମୃତ୍ୟୁହାର ଏବଂ ମାତୃ ମୃତ୍ୟୁହାର ଆକଳନ ପ୍ରଦାନ କରିବା ଉପରେ ଆଲୋଚନା ହୋଇଥିଲା । ଗଂଜାମ ଜିଲା କାର୍ଯ୍ୟାଳୟର ସେକ୍ସନ ଅଫିସର ପ୍ରଦୀପ କୁମାର ନାୟକ ପରିଚାଳନାରେ ସହଯୋଗ କରିଥିଲେ ।

# ଗୋଡ଼ାଇ ଗୋଡ଼ାଇ ହାଣିବା ଘଟଣା,୩ କୋର୍ଟ ଚାଲାଣ

ଗୋପାଳପୁର,୯।୨(ନବୀନ ରାଜ ଆଚାରୀ)

କନିସି ହାଟ ଡୁଲୁ ରାସ୍ତା, ଅଟୋ ନଗର ଓଭର ବ୍ରିଜ ତଳେ ଓ ହଳଦିଆପଦରରେ ଭାଜପା କର୍ମୀ ଓ ଅନ୍ୟମାନଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିବା ଘଟଣାରେ ରବିବାର ପୋଲିସ ୩ ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ଫେରାର ଥିବା ବ୍ରହ୍ମପୁର ଏସ୍‌ପି ଡ଼ା.ଶର୍ବଣା ବିବେକ.ଏମ୍ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ହଳଦିଆପଦର ଗ୍ରାମର ସୁବାସ ଦାସ, ସଦାନନ୍ଦ ଦାସ ଓ କନିସି ଗ୍ରାମର ଆଶିଷ ଦଳେଇ। ଅଭିଯୁକ୍ତଙ୍କ ଠାରୁ ଦୁଇଟି ବାଇକ ଓ ଦୁଇଟି ଖଣ୍ଡା ପୋଲିସ ଜବତ କରିଛି। ଘଟଣା ପରଠାରୁ ଅଭିଯୁକ୍ତ ମାନେ ଫେରାର ହୋଇଥିବା ବେଳେ ପୋଲିସ କେଶପୁର ଟୋଲ ଗେଟ୍ ନିକଟ ସେମାନଙ୍କୁ ଧରିଥିଲା। ତିନି ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ପଚାର ଉଚରା କରିଥିଲା। ଟିଙ୍କିନା ପାତ୍ରଙ୍କ ଅଭିଯୋଗ କ୍ରମେ କେଶ ନଂ ୬୧/୨୫ ପ୍ରକାରେ ପୋଲିସ ରବିବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ଗୋଳନ୍ଥରା ଥାନାର (କେଶ ନଂ ୬୨, ୬୩, ୬୪ ଓ ୬୫/୨୫ )ରେ ସମ୍ପୃକ୍ତ ରହିଥିବା ନେଇ ପୋଲିସ କହିଛି। ଅନ୍ୟପଟେ ସୁବାସ ନାଁରେ ଗୋଳନ୍ଥରା ଥାନାରେ ୧୪ଟି ମାମଲା, ଆଶିଷ ନାଁରେ ୬ଟି ମାମଲା ଥିବା ବେଳେ ସଦାନନ୍ଦ ନାଁରେ ୧୨ଟି ମାମଲା ରହିଛି । ରବିବାର ସକାଳେ ରାଜ୍ୟ ଖଣି, ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ବ୍ରହ୍ମପୁର ଏସ୍‌ପି ବ୍ରହ୍ମପୁର ବଡ଼ ମେଡିକାଲରେ ପହଞ୍ଚି ଚିକିତ୍ସାଧିନ ଥିବା ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଡ଼ାକ୍ତରଙ୍କ ସହ ଆଲୋଚନା କରିଥିଲେ।

# ଇଣ୍ଡିଆନ ବ୍ୟାଙ୍କ କର୍ମଚାରୀ ସଂଘ ସମ୍ମିଳନୀ ଉଦ୍‌ଯାପିତ

ବ୍ରହ୍ମପୁର,୯।୨(ନରସିଂହ ସାହୁ)

ବ୍ରହ୍ମପୁରରେ ଅନୁଷ୍ଠିତ ଇଣ୍ଡିଆନ ବ୍ୟାଙ୍କ କର୍ମଚାରୀ ସଂଘର ଦୁଇଦିନିଆ ରାଜ୍ୟ ସମ୍ମିଳନୀ ରବିବାର ଉଦଯାପିତ ହୋଇଯାଇଛି। ଗୃହିତ ପ୍ରସ୍ତାବରେ ସମସ୍ତ କର୍ମଚାରୀଙ୍କ ପାଇଁ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବାକୁ ଦାବି ହୋଇଛି। ସେହିପରି ବ୍ୟାଙ୍କରେ ଦୀର୍ଘଦିନରୁ ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ଅବିଳମ୍ବେ ପୂରଣ, କାଜୁଆଲ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ରାଜ୍ୟର ଗ୍ରାମାଞ୍ଚଳ ମାନଙ୍କରେ ଅଧିକ ଶାଖା ଖୋଲିବା ଆଦି ଦାବି ରହିଛି। ଏହି ଅବସରରେ ହୋଇଥିବା ସଂଘର ନୂଆ କର୍ମକର୍ତ୍ତା ନିର୍ବାଚନରେ ଦେବାଶିଷ ଲେଙ୍କା ସଭାପତି ଓ ହରି ପ୍ରସାଦ ଦାସ କାର୍ଯ୍ୟକାରୀ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ୩୫ ଜଣିଆ ଅନ୍ୟକର୍ମକର୍ତ୍ତା ମଧ୍ୟ ଚୟନ କରାଯାଇଛି। ଲଲାଟେନ୍ଦୁ ବାରିକ ସଂଘର ସାଧାରଣ ସମ୍ପାଦକ ହୋଇଥିବା ଘୋଷଣା କରାଯାଇଛି।

# ଫ୍ରେଣ୍ଡସ ଫିଜିକାଲ ଏକାଡେମୀ ଦଳଗତ ଚାମ୍ପିୟନ

## ଗଞ୍ଜାମ ଜିଲା ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

ବ୍ରହ୍ମପୁର,୯।୨(ସୁବାସ ଚନ୍ଦ୍ର ପାଢ଼ୀ)




ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

ଗଞ୍ଜାମ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଚାଲିଥିବା ଦୌଡକୁଦ ପ୍ରତିଯୋଗିତା ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଛି।ମୁଖ୍ୟ ଅତିଥି ଭାବେ ଜିଲା ବିଜେପି ସଭାପତି ସରୋଜ କୁମାର ସାବତ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଭଲ ପାଠପଢ଼ିବାକୁ ପରାମର୍ଶ ଦେବା ସହ କ୍ରୀଡା ଉପରେ ମନୋନିବେଶ କରିବାକୁ କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଅର୍ବାନ କୋପରେଟିଭ ବ୍ୟାଙ୍କ ସଭାପତି ଆର.ମୁରଲୀମୋହନ କ୍ରୀଡା ଆୟୋଜନକାରୀଙ୍କୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ହ୍ୟାଣ୍ଡବଲ ଆସୋସିଏସନ ସଭାପତି ଅଶୋକ କୁମାର ଶୁକ୍ଳ ଏହି କ୍ରୀଡା ଆୟୋଜନ କରିଥିବା ସଂସଦର ସମସ୍ତ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ସଂସଦ ସମ୍ପାଦକ ଜେ.କାମେଶ୍ୱର ରାଓ ଅତିଥି ପରିଚୟ ଦେଇଥିଲେ। ଜିଲାର ପ୍ରତିନିଧିତ୍ୱ କରିଥିବା ବରିଷ୍ଠ ଖେଳାଳି ତଥା ଖେଳ ପରିଚାଳକ ଏଲ.କେ. ରୋଚି ରେଡ୍ଡିଙ୍କୁ ସମ୍ମାନିତ କରାଯାଇଥିଲା। ଜିଲାରେ ଆଇରନ ଭାବେ ପରିଚିତ କୋଟନୀ ଚରଣ କୁମାରଙ୍କୁ ୱାର୍ଲଡ ଟ୍ରାଇଆଥେଲନ କମ୍ପିଟିସନରେ ଜିଲାରୁ ଭାରତ ତରଫରୁ ଭିଏତନାମରେ ଯୋଗଦେଇ ସମ୍ମାନ ଆଣିଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଜାତୀୟ କ୍ରୀଡାରେ ରୌପ୍ୟ ପଦକ ବିଜେତା ଟି.ଶଙ୍କରଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ଦଳଗତ ବିଜୟୀ ଭାବେ ଫ୍ରେଣ୍ଡସ ଫିଜିକାଲ ଏକାଡେମୀର ଖେଳାଳିଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଛି। ଦଳଗତ ରନର୍ସ ଅପ ଭାବେ ଯୁବଜ୍ୟୋତି କ୍ଲବକୁ ଟ୍ରଫି ପ୍ରଦାନ କରାଯାଇଥିଲା। ସଂସଦର ଉପସଭାପତି କେଦାରନାଥ ଚୌଧୁରୀ କ୍ରୀଡା ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ।

# ପୁଣି ଫୁଲଟାରେ ଗଣ୍ଡଗୋଳ | ୨ ଅଭିଯୋଗକାରୀଙ୍କୁ ବାନ୍ଧିଲା ପୋଲିସ

ବ୍ରହ୍ମପୁର, ୯।୨( ସୁବାସ ଚନ୍ଦ୍ର ପାଢ଼ୀ)

ଫୁଲଟା ଗ୍ରାମରେ ଦୁଇ ପକ୍ଷ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ଶନିବାର ରାତ୍ର ହୋଇଥିଲା। ଏଥିରେ ଆହତ ହୋଇ ଉଭୟେ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଦୁଇଟି ମାମଲା ରୁଜୁ କରିଛି। ଗ୍ରାମର ପ୍ରଶାନ୍ତ କୁମାର ନାହାକଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ.୪୧/୨୫ ମାମଲା ରୁଜୁ କରି ଅନ୍ୟ ଗୋଷ୍ଠୀର ଦୀପୁ ଓରଫ ଦୀପକ କୁମାର ପ୍ରଧାନ(୩୦)ଙ୍କୁ ଗିରଫ କରିଛି। ସେହିପରି ଆହତ ଦୀପକଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୪୨/୨୫ରେ ଏକ ମାମଲା ରୁଜୁ କରି ପ୍ରଶାନ୍ତ କୁମାର ନାହାକଙ୍କୁ ବାନ୍ଧିଛି। ଉଭୟେ ମାମଲାର ଅଭିଯୁକ୍ତ ଥିବା ପୋଲିସ ତଦନ୍ତ ବେଳେ ଜଣାପଡିଛି। ପୋଲିସ ଘଟଣାରେ ବ୍ୟବହୃତ ଠେଙ୍ଗା, ବାଡ଼ି ଜବତ କରିଛି। ରବିବାର ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। ଉଭୟ ଅଭିଯୁକ୍ତ ପୃଥକ ରାଜନୈତିକ ଦଳର ସମର୍ଥକ ଥିବା ବେଳେ ଗାଁରେ ଏହାକୁ ନେଇ ପରବର୍ତ୍ତୀ ପର୍ଯ୍ୟାୟରେ ଉତ୍ତେଜନା ନକରିବାକୁ ପୋଲିସ ଶାନ୍ତି କମିଟି ସଦସ୍ୟଙ୍କୁ ଜଣାଇଛି। ଘଟଣାକୁ ନେଇ ଫୁଲଟା ଗାଁରେ କୈଣସି ଅପ୍ରିତିକର ପରିସ୍ଥିତି ନଥିବା ସଦର ଏସଡ଼ିପିଓ ଶୁଭ୍ରାଂଶୁ ଶେଖର ପରିଡା କହିଛନ୍ତି। ନିମଖଣ୍ଡି ଥାନା ଅନ୍ତର୍ଗତ ଫୁଲଟା ଗ୍ରାମରେ ଦୁଇ ରାଜନୈତିକ ଗୋଷ୍ଠୀ ମଧ୍ୟରେ ଲାଗିରହିଥିବା ଅଶାନ୍ତିକୁ ପ୍ରତିହତ କରିବା ପାଇଁ କିଛିମାସ ପୂର୍ବେ ଶାନ୍ତି କମିଟି ଗଠିତ ହୋଇଥିଲା। ଶନିବାର କୌଣସି କାମରେ ପ୍ରଶାନ୍ତ ବ୍ରହ୍ମପୁର ଯାଇଥିଲେ। ରାତ୍ର ସେ କାମ ସାରି ତାଙ୍କର ସହଯୋଗୀ ସହ ଘରକୁ ଫେରୁଥିଲେ। ଫୁଲଟା ଗାଁମୁଣ୍ଡରେ ଛିଡା ହୋଇଥିବା ଅନ୍ୟଗୋଷ୍ଠୀର ଦୀପକ କୁମାର ପ୍ରଧାନ ଓ ତାଙ୍କର ଜଣେ ସମର୍ଥକ ବାଇକରେ ଆସୁଥିବା ପ୍ରଶାନ୍ତଙ୍କୁ ଅଟକାଇଥିଲେ। ଉଭୟ ଦୁଇ ରାଜନୈତିକ ଦଳର ସମର୍ଥକ ଥିବାବେଳେ ସେଠାରେ ସେମାନଙ୍କ ମଧ୍ୟରେ ଗତ ନିର୍ବାଚନ ଫଳାଫଳକୁ ନେଇ କଥା କଟାକଟି ଓ କମେଣ୍ଟ ମରାମରି ହୋଇଥିଲା। ଯାହାକୁ ନେଇ ଉଭୟେ ଉଭୟଙ୍କୁ ସେଠାରେ ଠେଙ୍ଗା, ବାଡ଼ିରେ ଆକ୍ରମଣ କରି ଆହତ ହୋଇଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚି ଉଭୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ଉଭୟଙ୍କ ଅଭିଯୋଗ ଆଧାରରେ ଥାନାରେ ମାମଲା ରୁଜୁ ହୋଇଛି।

# ସାହିତ୍ୟ ସର୍ବଦା ପରିବ୍ୟାପ୍ତ ହେଉ



ସାହିତ୍ୟ ପରିଷଦ ପକ୍ଷରୁ ସମାଜ ସେବା ସମାନ ପ୍ରଦାନ ।

ବ୍ରହ୍ମପୁର,୯।୨(ସ୍ମୃତି ରଞ୍ଜନ ମହାଲିକ)

ସାହିତ୍ୟ ପରିଷଦ ପକ୍ଷରୁ ରବିବାର ଗୋଇଲୁଣ୍ଡି ସ୍ଥିତ ରାମ ମନ୍ଦିର ପରିସରରେ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାହିତ୍ୟିକ ଇଂ ଯାମିନୀ କାନ୍ତ ଦାସ ଆସରକୁ ଉଦଘାଟନ କରିଥିଲ । କବି ପ୍ରଫୁଲ୍ଲ ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ଓଡିଶା ସାହିତ୍ୟ ଏକାଡେମୀ ପୂର୍ବତନ ସଦସ୍ୟ କବି ସୁଶାନ୍ତ ଦାଶଙ୍କ ସଞ୍ଚାଳନ କରିଥିଲେ। ସମାଜସେବୀ ଟି ତିରୁପତି ପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସାହିତ୍ୟ ସମାଜ କୁ ସତମାର୍ଗ ଦେଖାଇଥାଏ ବୋଲି କହିଥିଲେ। ସାହିତ୍ୟ ସର୍ବଦା ପରିବ୍ୟାପ୍ତ ହୋଉ ବୋଲି ସେ କହିଥିଲେ। ଡ ଶ୍ୟାମା ପ୍ରସାଦ ମିଶ୍ର କବିତା ସର୍ବଦା ଜନ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ହେଉ ବୋଲି ବକ୍ତବ୍ୟ ରଖିଥିଲେ । କବି ପ୍ରଦୀପ ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଏହି ଅବସରରେ ତିରୁପତି ପାତ୍ରଙ୍କୁ ସମାଜ ସେବା ସମ୍ମାନ ପ୍ରଦାନ କରାଯାଇଥିଲା । କବି ନନ୍ଦିନୀ ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ , ପ୍ରମୋଦ ପଣ୍ଡା ,ସୁଜାତା ଶତପଥି ,ମଧୁସ୍ମିତା ସାହୁ , କ୍ଷଣପ୍ରଭ ସତାଥି , ବିଦ୍ଯୁ ପ୍ରଭା ଶତପଥି , ଗଙ୍ଗାଧର ମହାକୁଡ଼ ,ରାଜେଶ କୁମାର ପାତ୍ର , ରୁଦ୍ର ନାୟକଙ୍କ ସମେତ ବହୁ କବି କବିତା ପାଠ କରିଥିଲେ।

# ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍ ପ୍ରତିଯୋଗିତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରଥମ

ବ୍ରହ୍ମପୁର,୯।୨(ସୁବାସ ଚନ୍ଦ୍ର ପାଢ଼ୀ)

ରାଞ୍ଚି ସ୍ଥିତ ସାରଳା ବିରଳା ୟୁନିଭର୍ସିଟି ଠାରେ ଗତ ୨ରୁ ୮ ତାରିଖ ପର୍ଯ୍ୟନ୍ତ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଚେସ ପ୍ରତିଯୋଗିତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଭାଗ ନେଇଥିଲା। ପିଜି ପଦାର୍ଥ ବିଜ୍ଞାନ ବିଭାଗର ପ୍ରଥମ ବର୍ଷ ଛାତ୍ର ପିନାକୀ ପଣ୍ଡା ଉତ୍କଳ ୟୁନିଭର୍ସିଟି, ରାୟଘର ୟୁନିଭର୍ସିଟି, ରାଞ୍ଚିର ଦୁଇଟି ୟୁନିଭର୍ସିଟି, ବସୁର ୟୁନିଭର୍ସିଟି, ତ୍ରିପୁରା ୟୁନିଭର୍ସିଟିକୁ ହରାଇ ପ୍ରଥମ ସ୍ଥାନ ରଖି ଚାମ୍ପିୟନ ହୋଇଛନ୍ତି। ରବିବାର ପୁରସ୍କାର ବିତରଣ ଉତ୍ସବରେ ରାଞ୍ଚି ସାରଳା ବିରଳା ୟୁନିଭର୍ସିଟିର କୁଳପତି, କୁଳ ସଚିବ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳ ସଚିବ ସଚ୍ଚିଦାନନ୍ଦ ନାୟକ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ,କ୍ରୀଡ଼ା ପରିଷଦ ସମ୍ପାଦକ ଡ଼. ସାରଦା ପ୍ରସାଦ ସାହୁ, ରବି ଚରଣ ମିଶ୍ର, ରାଜେଶ ମହାନ୍ତି ପ୍ରମୁଖ ପିନାକୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


## ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ପରିଷଦ

(ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ନିକାୟ)

୧ମ ମହଲା, କୋର୍-୪ବି, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ - ୧୧୦୦୦୩

ଫାଇଲ୍ ନଂ. ୯୧୮୮୯୫୧

ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ପରିଷଦରେ ନିମ୍ନଲିଖିତ ପଦବୀ ନିମନ୍ତେ ନିମ୍ନପ୍ରଦତ୍ତ ବିବରଣୀ ଅନୁଯାୟୀ ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି:-

| ପଦବୀର ନାମ | ନିଯୁକ୍ତିର ପଦ୍ଧତି | ବେତନ ହାର |
|---|---|---|
| ଷ୍ଟେନୋଗ୍ରାଫର୍ ଗ୍ରେଡ୍ ସି | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୭ (₹୪୪,୯୦୦-୧,୪୨,୪୦୦) ପେ' ମାଟ୍ରିକ୍ସରେ । |
| ଷ୍ଟେନୋଗ୍ରାଫର୍ ଗ୍ରେଡ୍ ଡି | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୪ (₹୨୫,୫୦୦-୮୧,୧୦୦) ପେ' ମାଟ୍ରିକ୍ସରେ । |
| ମଲ୍ଟି-ଟାସ୍କିଂ ଷ୍ଟାଫ୍ (ଏମ୍‌ଟିଏସ୍) | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୧ (₹୧୮,୦୦୦-୫୬,୯୦୦) ପେ' ମାଟ୍ରିକ୍ସରେ । |

ସବୁ ଦୃଷ୍ଟିରୁ ବିଧିବଦ୍ଧ ଭାବେ ସମ୍ପୂର୍ଣ୍ଣ ଏବଂ ପ୍ରାର୍ଥୀଙ୍କ ଦ୍ୱାରା ସ୍ୱାକ୍ଷରିତ ନିର୍ଦ୍ଧାରିତ ଫର୍ମାଟ୍‌ରେ ଦରଖାସ୍ତ ସହିତ କାଗଜପତ୍ର ଇତ୍ୟାଦିର ସେଲ୍ଫ-ଆଟେଷ୍ଟେଡ୍ ପ୍ରତିଲିପି ସମେତ ଦରଖାସ୍ତ ଦେୟ ବାବଦରେ ଏନ୍‌ସିଆର୍ ଯୋଜନା ପରିଷଦ ସପକ୍ଷରେ ନୂଆଦିଲ୍ଲୀଠାରେ ପୈଠଯୋଗ୍ୟ ₹୧୦୦ର ଆଇପିଓ/ଡିମାଣ୍ଡ ଡ୍ରାଫ୍ଟ (ଅଣ-ଫେରସ୍ତଯୋଗ୍ୟ) ସଭ୍ୟ ସଚିବ, ଏନ୍‌ସିଆର୍ ଯୋଜନା ପରିଷଦ, ୧ମ ମହଲା, କୋର୍-୪ବି, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩ଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ । ଦରଖାସ୍ତ ଦେୟ ଅନ୍‌ଲାଇନ୍‌ରେ ମଧ୍ୟ ପୈଠ କରାଯାଇପାରିବ ।

ପଦବୀଗୁଡ଼ିକର ସଂଖ୍ୟା, ଯୋଗ୍ୟତା ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା, ସଂରକ୍ଷଣ, ବୟସ, ଦରଖାସ୍ତ ଫର୍ମର ଫର୍ମାଟ୍, ଅନ୍‌ଲାଇନ୍ ଦେୟ ପରିଶୋଧର ବିବରଣୀ ଏବଂ ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ଆଦି ବିବରଣୀ ଆମର ୱେବ୍‌ସାଇଟ୍ https://ncrpb.nic.inରେ ଉପଲବ୍ଧ ।

କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ପଦବୀଗୁଡ଼ିକୁ ପୂରଣ ନ କରିବାର ଅଧିକାର ପରିଷଦ ନିକଟରେ ସଂରକ୍ଷିତ ।

CBC 44103/12/0010/2425 ସ୍ୱା./- (ସଭ୍ୟ ସଚିବ)

